# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 February - 2026

**********************************

## ମୁଖ୍ୟ ସମ୍ବାଦ

- ଦେଶର ପ୍ରଥମ ଗଭର୍ଣ୍ଣର ଜେନେରାଲ ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତିକୁ ରାଷ୍ଟ୍ରପତି ଭବନରେ  ଅନାବରଣ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ବିଧାନସଭା ଅଧିବେଶନର ଷଷ୍ଠ ଦିନରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ
- ମାଓବାଦୀ ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି; ବିଧାନସଭାରେ କହିଲେ ମୁଖ୍ୟମନ୍ତ୍ରୀ
- ଭାରତ ଟ୍ୟାକ୍ସି ଆଗାମୀ ଦୁଇ ବର୍ଷ ମଧ୍ୟରେ ୧୫ କୋଟି ଲୋକଙ୍କୁ ସଂଯୋଗ କରିବ; କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ସୂଚନା

ଏବଂ

- ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା

Desk

# ରାଜାଜୀ ଉତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ସ୍ୱାଧୀନ ଭାରତର ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ୍ ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ତାଙ୍କର ପ୍ରତିମୂର୍ତ୍ତିକୁ ଅଶୋକ ମଣ୍ଡପ ନିକଟବର୍ତ୍ତୀ ଗ୍ରାଣ୍ଡ୍ ଓପନ୍ ଷ୍ଟେୟାରକେସ୍ ଠାରେ ଏଡୱିନ୍ ଲଟିଏନ୍ସଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ସ୍ଥାପନ କରାଯାଇଛି । ରାଷ୍ଟ୍ରପତି କହିଛନ୍ତି ଏହା ଭାରତର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାକୁ ସମ୍ମାନ ଜଣାଇ ଏହା କରାଯାଇଛି । କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, କେନ୍ଦ୍ରମନ୍ତ୍ରୀ  ଜଗତ ପ୍ରକାଶ ନଡ୍ଡା ଓ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ମାର୍ଚ୍ଚ ମାସ ପହିଲା ପର୍ଯ୍ୟନ୍ତ ରାଜାଜୀ ଉତ୍ସବରେ ଶ୍ରୀ ରାଜଗୋପାଳଚାରୀଙ୍କ ଉପରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେବ ।

Assembly

# ବିଧାନସଭା-୧

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଆଜି ଷଷ୍ଠ ଦିନରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିପାରିନାହିଁ। ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ  ବାଚସ୍ପତି ସୁରମା ପାଢ଼ି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

ଆଜି ପ୍ରଶ୍ନକାଳ ଆରମ୍ଭ ମାତ୍ରେ ଉଭୟ ବିରୋଧୀ ବିଜେଡି ଏବଂ କଂଗ୍ରେସ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଶ୍ରୀମତୀ ପାଢ଼ି ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହ କାର୍ଯ୍ୟରେ ଭାଗ ନେବାକୁ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଗୃହର କାର୍ଯ୍ୟ ମାତ୍ର ୭ ମିନିଟ୍ ପାଇଁ ଚାଲିଥିଲା। ଗୃହ କାର୍ଯ୍ୟର ପ୍ରଥମାର୍ଦ୍ଧରେ ବାଚସ୍ପତି ପ୍ରଥମେ ୧୦ଟା ୩୭ରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ସାଢ଼େ ୧୧ଟାରେ ଶୂନ୍ୟକାଳ ପାଇଁ ଗୃହ ଏକତ୍ରୀତ ହେବା ମାତ୍ରେ ପୁନର୍ବାର ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବା ଲାଗି ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ଅନ୍ୟ ସଦସ୍ୟମାନଙ୍କୁ ବାଚସ୍ପତି ବୈଠକ ପାଇଁ ଡାକିଥିଲେ। ପରେ ଗୃହକୁ ଅପରାହ୍ଣ ୧୨ଟା ୧୩ ମିନିଟ୍ ଏବଂ ପୁନଶ୍ଚ ୧୨ଟା ୪୩ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିବା ପରେ ବାଚସ୍ପତି ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ।

Assembly/Desk

# ବିଧାନସଭା-୨

ରାଜ୍ୟରେ ମାଓ ସମସ୍ୟା ଜନିତ ସ୍ଥିତିରେ କ୍ରମାଗତ ଉନ୍ନତି ପରିଲକ୍ଷିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ସଦସ୍ୟ ଧ୍ରୁବଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ୪୦ ଜଣ ମାଓବାଦୀ ସକ୍ରିୟ ରହିଛନ୍ତି। କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଏବଂ ବରଗଡ଼ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ମାଓବାଦୀମାନେ କାର୍ଯ୍ୟ କରୁଛନ୍ତି। ଗତ ୫ ବର୍ଷରେ ୪୮ ଜଣ ମାଓବାଦୀ ନିହତ ହୋଇଛନ୍ତି। ୭୮ ଜଣଙ୍କୁ ଗିରଫ କରିବା ସହ ୮୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ଶ୍ରୀ ମାଝୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଚଳିତ ବର୍ଷ ମାର୍ଚ୍ଚ ମାସ ୩୧ ସୁଦ୍ଧା ରାଜ୍ୟରେ ମାଓ ସମସ୍ୟାର ସମାଧାନ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

Assembly

## ବିଧାନସଭା-୪

ଆୟବର୍ହିଭୂତ ସମ୍ପତ୍ତି ଓ ଆର୍ଥିକ ଅନିୟମିତତା ମାମଲାରେ ଗତ ୫ ବର୍ଷରେ ୩୧୦ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରାଯାଇଛି। ବିଧାନସଭାରେ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମୋଟ ୨୨ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ୪୦ କୋଟି ୮୪ ଲକ୍ଷ ୬୭ ହଜାର ଟଙ୍କା

ଜବତ ହୋଇଛି। ୨୦୨୩ ମସିହା ଜାନୁଆରୀ ମାସରୁ ୨୦୨୫ ମସିହା ମଧ୍ୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ୬୮୩ଟି ଦୁର୍ନୀତି ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୩୩୭ଟି ଦୁର୍ନୀତି ମାମଲାରେ ଦୋଷୀଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯାଇଛି। ସରକାରୀ କୋଷାଗାରକୁ ୩୨ ଲକ୍ଷ ୫୦ ହଜାର ୮୪୪ଟଙ୍କା ଜମା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

Assembly

## ବିଧାନସଭା-୩

ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ରୟ ହେଉଥିବା ଅପମିଶ୍ରିତ ଖାଦ୍ୟ ସମ୍ପର୍କରେ ସରକାର ସମ୍ପୂର୍ଣ୍ଣ ସଜାଗ ଅଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଗୃହରେ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା  ଖାଦ୍ୟ ନିରାପତ୍ତା ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅପମିଶ୍ରଣ ରୋକିବା ପାଇଁ ସମସ୍ତ ଜିଲ୍ଲା ଏବଂ ପୌରପରିଷଦ ଅଧୀନରେ ଆୟୁକ୍ତମାନଙ୍କୁ ନିଯୁକ୍ତି ଦିଆଯାଇଛି। ଖାଦ୍ୟ ବିକ୍ରେତାମାନଙ୍କୁ ଆଇନ ସମ୍ପର୍କରେ ତାଲିମ ପ୍ରଦାନ ସହ ଏକ ଭ୍ରାମ୍ୟମାଣ ପରୀକ୍ଷାଗାର ରାଜ୍ୟର ବ୍ୟବସାୟ ବହୁଳ ଜାଗାରେ ଓ ବିଭିନ୍ନ ପର୍ବପର୍ବାଣିରେ ବିନିଯୋଗ କରାଯାଇ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୃହରେ ସୂଚନା ଦେଇଛନ୍ତି।

Desk

# ବିଧାନସଭା-୫

ରାଜ୍ୟରେ ନକଲି ଓ ଅଶୁଦ୍ଧ ପାଣି ବିକ୍ରି ହେଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ବିଧାନସଭାରେ କହିଛନ୍ତି। ଚଳିତ ବର୍ଷ ୨୯ଟି ପାଣି ନମୂନା ପରୀକ୍ଷା ହୋଇଥିଲା ସେଥିରୁ ୮ଟି ନମୂନାରେ ପାଣିର ଶୁଦ୍ଧତା ନିମ୍ନମାନର ରହିଥିଲା। ଗତ ୪ ବର୍ଷରେ ୬୮ଟି ନମୂନାରୁ ୧୮ଟି ନମୂନା ଅସୁରକ୍ଷିତ ଓ ୮ଟି ନମୂନା ଅତି ନିମ୍ନମାନର ଥିଲା ବୋଲି ଜଣାପଡ଼ିଛି। ଏହି ସମ୍ପର୍କରେ ସରକାର ଅବଗତ ଅଛନ୍ତି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

Desk

# ଶାହା-ଭାରତ ଟ୍ୟାକ୍ସି

ଭାରତ ଟ୍ୟାକ୍ସି ଆଗାମୀ ୨ ବର୍ଷ ମଧ୍ୟରେ ୧୫ କୋଟି ଲୋକଙ୍କୁ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛି ବୋଲି କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୂଆଦିଲ୍ଲୀଠାରେ ଭାରତ ଟ୍ୟାକ୍ସି’ର ସାରଥୀ ତଥା ଚାଳକମାନଙ୍କ ସହ ମତ ବିନିମୟ କରି ଶ୍ରୀ ଶାହା କହିଛନ୍ତି, ଭାରତ ଟ୍ୟାକ୍ସି ସମବାୟ’ ଚାଳକମାନଙ୍କୁ ସେମାନଙ୍କର କାର୍ଯ୍ୟ ପାଇଁ ମାଲିକାନା ପ୍ରଦାନ କରି ତାଙ୍କୁ ସଶକ୍ତ କରିଛି । ଆସନ୍ତା ୩ ବର୍ଷ ମଧ୍ୟରେ ଭାରତ ଟ୍ୟାକ୍ସି ପ୍ରତ୍ୟେକ ନଗର ନିଗମରେ ପହଁଞ୍ଚିବ। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ୩୬ କୋଟି ୭୫ ଲକ୍ଷ ସମବାୟ ସହିତ ଯୋଡ଼ି ହୋଇଛନ୍ତି। ଏହି

ପଦକ୍ଷେପ ଦ୍ୱାରା ଘରୋଇ ଟ୍ୟାକ୍ସି ସେବା କମ୍ପାନୀ ସଂପର୍କିତ ସମସ୍ୟାର ସମାଧାନ କରାଯିବା ଉପରେ ଦୃଷ୍ଟି ଦିଆଯିବ । ଏହା ଟ୍ୟାକ୍ସି ଚାଳକମାନଙ୍କ କଲ୍ୟାଣ ଏବଂ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଏକ ଉପଯୁକ୍ତ ମଞ୍ଚ ହେବ ବୋଲି ଶ୍ରୀ ଶାହା କହିଛନ୍ତି ।

**V/O (Shah)**

Nabarangpur

## 'ଆମେ ପଢ଼ିବା' କାର୍ଯ୍ୟକ୍ରମ

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ମାତୃଭାଷାରେ ଶିକ୍ଷାଦାନ ପାଇଁ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ୬ଟି ଜିଲ୍ଲା ନବରଙ୍ଗପୁର, ମାଲକାନଗିରି, କେନ୍ଦୁଝର, କନ୍ଧମାଳ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ କଥିତ ଜନଜାତି ଭାଷାରେ ଅଙ୍ଗନବାଡ଼ି ସ୍ତରରୁ ଶିକ୍ଷାଦାନ ପାଇଁ 'ଆମେ ପଢ଼ିବା, ଆମ ଭାଷାରେ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୩୦ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଜନଜାତି ଭାଷା 'ଗୋଣ୍ଡି'ରେ ଶିକ୍ଷାଦାନ କରାଯିବ। ଏଥିପାଇଁ ଗୋଣ୍ଡି ଭାଷାରେ ନୂତନ ଅରୁଣିମା ପୁସ୍ତକ ପ୍ରସ୍ତୁତ କରାଯାଇଛି। ଜିଲ୍ଲାରେ 'ଆମେ ପଢ଼ିବା ଆମ ଭାଷାରେ' ଅଙ୍ଗନବାଡ଼ିରେ ଶିଶୁମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

Kandhamal

## ମାଓବାଦୀ ମୃତ

କନ୍ଧମାଳ ଜିଲ୍ଲା ରାଇକିଆ କରଡ଼ା ନିକଟ ନୀତିବାଡ଼ି ଜଙ୍ଗଲରେ ଦୁଇ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି । ବର୍ତ୍ତମାନ ତଲାସୀ ଅଭିଯାନ ଜାରି ରହିଛି । ଘଟଣାସ୍ଥଳରେ ଦୁଇଟି ବନ୍ଧୁକ ସହିତ ବିପୁଳ ପରିମାଣର ମାରଣାସ୍ତ୍ର, ଔଷଧ, ମାଓ ସାମଗ୍ରୀ ସୁରକ୍ଷାକର୍ମୀଙ୍କୁ ମିଳିଛି । ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀମାନେ ସେଠାରେ ଉପସ୍ଥିତ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

Nabarangpur./Rayagada

## ଜନଅଭିଯୋଗ ଶୁଣାଣି

ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରମୁଖ ଉପସ୍ଥିତ ରହି ୫୦ଟି ଅଭିଯୋଗର ଶୁଣାଣି କରିଥିଲେ ।

ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୦ଟି ଅଭିଯୋଗର ଶୁଣାଣି ହୋଇଛି । ଶିବିରରେ ୧୦ ଜଣଙ୍କୁ ହ୍ୱିଲ୍ ଚେୟାର, ୨୫ ଜଣଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି ।

BHK

## ବସନ୍ତ ଉତ୍ସବ

ଭଦ୍ରକ ଜିଲ୍ଲା ସହିଦ ସ୍ମୃତି ଭବନଠାରେ ଓଡ଼ିଶା କଲ୍‌ଚର ଆର୍ଟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ କଳାକାର ଯୋଗଦେଇ ବିଭିନ୍ନ କଳା ପ୍ରଦର୍ଶନ କରିଥିଲେ।

Nuapada

## ଖରିଆର ରୋଡ୍ ମହୋତ୍ସବ

ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍ ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ଜୟଭାଇ ଢୋଲକିଆ କହିଛନ୍ତି। ମହୋତ୍ସବରେ ବିଭିନ୍ନ ଜିଲ୍ଲାରୁ କଳାକାରମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି।

Desk

# ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଗତି କରୁଛି । ଆସନ୍ତା ୪୮ଘଣ୍ଟା ମଧ୍ୟରେ ଏହା ଉତ୍ତରପୂର୍ବ ଦିଗରେ ଗତିକରି ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ପହଞ୍ଚିବ । ଲଘୁଚାପ ପ୍ରଭାବରେ ଆଜି ଓ ଆସନ୍ତାକାଲି ରାଜ୍ୟର ୧୮ଟି

ଜିଲ୍ଲାରେ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।